# ଚମକ ଭରିଛି ଚନ୍ଦନଯାତ୍ରା


ଯାତ୍ରା ପଡ଼ିଆରେ ଦୋଳି ଲଗାଯାଉଛି।

■କରୋନା ପାଇଁ ୨ ବର୍ଷ ହେଲା ବନ୍ଦ ଥିଲା
■ଚଳିତବର୍ଷ ଧୁମ୍‌ଧାମରେ ଆୟୋଜନକୁ ନେଇ ଉତ୍ସାହ
■ଯାତ୍ରା ପଡ଼ିଆରେ ପଡ଼ିଲାଣି ଦୋକାନ, ଲାଗିଲାଣି ଦୋଳି

**ବଇଣ୍ଡା,୧୯।୫(ପରିକ୍ଷିତ ସାହୁ)**

୧୯୭୭ରୁ ଆରମ୍ଭ ହୋଇଥିବା ବଇଣ୍ଡା ଚନ୍ଦନଯାତ୍ରାରେ କରୋନା ଲଗାଇଥିଲା ବ୍ରେକ୍। ୨୦୨୦ ଓ ୨୦୨୧ ମସିହାରେ ଏହି ଯାତ୍ରା କେବଳ ଠାକୁରଙ୍କ ନୀତିକାନ୍ତିରେ ସୀମିତ ରହିଥିବାରୁ ଆଠମଲ୍ଲିକ ଉପଖଣ୍ଡବାସୀ ଉତ୍ସବ ପାଳନ କରିପାରି ନ ଥିଲେ। ହେଲେ ଚଳିତବର୍ଷ ଚନ୍ଦନଯାତ୍ରାକୁ ଅନୁମତି ମିଳିଥିବାରୁ ଏଥର ଧୁମ୍‌ଧାମରେ ଆୟୋଜନ ଚାଲିଛି। ରଙ୍ଗବେରଙ୍ଗର ଆଲୋକମାଳା ସହ ଭଳିକି ଭଳି ଉଠା ଦୋକାନ ଓ ଦୋଳିରେ ବଇଣ୍ଡା ଯାତ୍ରା ପଡ଼ିଆ ସଜେଇ ହୋଇଯାଇଛି। ଆସନ୍ତା ୨୧ ତାରିଖରୁ ଆରମ୍ଭ ହେଉଥିବା ଏହି ୪ ଦିନିଆ ଯାତ୍ରା ୪୫ ବର୍ଷରେ ପଦାର୍ପଣ କରୁଥିବାରୁ ବଇଣ୍ଡା ଅଞ୍ଚଳବାସୀଙ୍କ ମଧ୍ୟରେ ନୂଆ ଉତ୍ସାହ, ଆନନ୍ଦ ଓ ଚମକ ଭରିଯାଇଛି।

ବୟୋଜ୍ୟେଷ୍ଠଙ୍କ କହିବା ମୁତାବକ, ଛେଣ୍ଡିପଦା ବ୍ଲକ ଆଉଁଳି ଗ୍ରାମରୁ ଆସି ପିରୁଣ୍ଟୁ ବାବା ବଇଣ୍ଡାସ୍ଥିତ ଆନନ୍ଦମୁଣ୍ଡା ଗ୍ରାମରେ ରହୁଥିଲେ। ସେ ରାଧାକୃଷ୍ଣଙ୍କୁ ରଖି ମଠରେ ପୂଜା କରୁଥିବା ଯୋଗୁ ବଇଣ୍ଡାଠାରେ ଚନ୍ଦନ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ଏପରି କି ଆନନ୍ଦମୁଣ୍ଡା, କଦଳୀମୁଣ୍ଡା, ବଇଣ୍ଡା ଗ୍ରାମବାସୀଙ୍କୁ ଏକାଠି କରି ଚନ୍ଦନ ଯାତ୍ରା ଆରମ୍ଭ କରିଥିଲେ। ପାପସରା ଗ୍ରାମର ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାଙ୍କୁ ଏଠାକାର ରାଧାକୃଷ୍ଣଙ୍କ ସହ ଚାପ ଖେଳାଯାଉଥିଲା। ୩ ଗ୍ରାମବାସୀ ଦୀର୍ଘବର୍ଷ ଧରି ଏକତ୍ର ଯାତ୍ରା ପାଳନ କରୁଥିବାବେଳେ ୧୯୮୪ରେ କଦଳୀମୁଣ୍ଡା ଓ ଆନନ୍ଦମୁଣ୍ଡା ଗ୍ରାମବାସୀ ଏଥିରୁ ଓହରି ଯାଇଥିଲେ। ଫଳରେ ସେବେଠାରୁ କେବଳ ବଇଣ୍ଡା ଗ୍ରାମବାସୀ ଚନ୍ଦନ ଯାତ୍ରା ପାଳନ କରିଆସୁଛନ୍ତି। ୧୯୮୬ ମସିହାରେ ପୁରୀରୁ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମା ଆଣି ବଇଣ୍ଡାଠାରେ ମନ୍ଦିର ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରାଯାଉଛି। ଏହି ମନ୍ଦିର ନିକଟରେ ଥିବା ପୋଖରୀରେ ଚାପ ଖେଳାଯାଉଥିବାରୁ ଏହାର ନାମ ଚନ୍ଦନ ପୋଖରୀ ରଖାଯାଇଛି । ଦୀର୍ଘ ୪୫ ବର୍ଷ ମଧ୍ୟରେ ଯାତ୍ରା ଆୟୋଜନରେ ଅନେକ କିଛି ପରିବର୍ତ୍ତନ ଆସିଛି। ପୂର୍ବରୁ ଖୁବ୍‌କମ ବଜେଟରେ ଏହା ପାଳନ ହେଉଥିବାବେଳେ ଚଳିତବର୍ଷ ୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାରୁ ଏହା ପ୍ରମୁଖ ଆକର୍ଷଣ ପାଲଟିବ ବୋଲି ଯାତ୍ରାକମିଟି ପକ୍ଷରୁ କୁହାଯାଇଛି।

### ବ୍ୟାପକ ପ୍ରସ୍ତୁତି କରାଯାଇଛି



“ଚନ୍ଦନଯାତ୍ରାରେ ହେବାକୁ ଥିବା ଭିଡ଼ କିପରି ନିୟନ୍ତ୍ରଣ କରାଯିବ ସେ ନେଇ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜନଗହଳିକୁ ଦେଖି ସାଂସ୍କୃତିକ କାର୍ଯ୍ୟକ୍ରମ ବେଳେ ଟ୍ରାଫିକ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବାଇପାସରେ ଗାଡି ଛାଡ଼ିବା ପାଇଁ ବନ୍ଦୋବସ୍ତ କରାଯାଇଛି।

-ଅରୁଣ କୁମାର ପଣ୍ଡା, ବଇଣ୍ଡା ଫାଣ୍ଡି ଅଧିକାରୀ

### ସମସ୍ତେ ଏକଜୁଟ ହୋଇଛନ୍ତି



“କରୋନା କାରଣରୁ ୨ ବର୍ଷ ବନ୍ଦ ରହିବା ପରେ ଚଳିତବର୍ଷ ଚନ୍ଦନ ଯାତ୍ରା ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷହୋଇଛି। କିଭଳି ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହେବ ସେ ନେଇ କମିଟିର ସମସ୍ତ ସଦସ୍ୟ ଏକଜୁଟ ହୋଇ କାମ କରୁଛନ୍ତି।

-ପ୍ରତାପ କୁମାର ପ୍ରଧାନ, ଯାତ୍ରା କମିଟି ସଭାପତି

### ଘଣ୍ଟବାଦ୍ୟ, ଘୋଡ଼ାନାଚ ଆକର୍ଷିତ କରିବ



“ପ୍ରଥମ ଚନ୍ଦନ ଯାତ୍ରାରେ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ୪୫ ବର୍ଷ ମଧ୍ୟରେ ଏହି ବଜେଟ୍ ଚଳିତବର୍ଷ ୮ ଲକ୍ଷ ଟଙ୍କାରେ ପହଞ୍ଚିଛି। ବାହାର ଜିଲାର ଘଣ୍ଟବାଦ୍ୟ, ଘୋଡା ନାଚ ସମସ୍ତଙ୍କୁ ଆକର୍ଷିତ କରିବ। ଧୁମ୍‌ଧାମରେ ଚଳିତ ବର୍ଷ ଯାତ୍ରା ପାଳନ ହେବ।

-ମାନସ କୁମାର ସାହୁ, ଯାତ୍ରା କମିଟି ସମ୍ପାଦକ

### ୪ ଦିନ ଧରି ଯାତ୍ରା ହେବ



“ଚଳିତବର୍ଷ ୪ ଦିନ ଧରି ଯାତ୍ରା ପାଳନ କରାଯିବ। ସପ୍ତାହେ ଯାଏ ମିନା ବଜାର ଓ ବିଭିନ୍ନ ଦୋଳିର ପସରା ମେଲିବ। ବଇଣ୍ଡା ଗ୍ରାମବାସୀ, ବ୍ୟବସାୟୀ ତଥା ବିଭିନ୍ନ ବ୍ୟକ୍ତିଙ୍କ ଅନୁଦାନରୁ ଏହି ଯାତ୍ରା ପାଇଁ ପାଣ୍ଠି ଯୋଗାଡ଼ କରାଯାଇଛି।

-ଜିତେନ୍ଦ୍ର କୁମାର ବେହେରା, ଗ୍ରାମ ସମ୍ପାଦକ

## ସଂକ୍ଷେପରେ

### ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପ୍ରଶିକ୍ଷଣ

ଅନୁଗୋଳ ଅଫିସ, ୧୯।୫: ଅନୁଗୋଳ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହ ନିରୋଧ, ଶିଶୁ ଯୌନ ନିର୍ଯାତନା ଆଇନ, ଶିଶୁ ଲିଙ୍ଗ ଅନୁପାତ ଏବଂ କନ୍ୟା ଶିଶୁମାନଙ୍କ ଶିକ୍ଷା ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାରେ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ସମସ୍ତ ଆଇନ କାର୍ଯ୍ୟକାରୀ କରିବା ପାଇଁ ପୋଲିସ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କହିଥିଲେ। ଡେପୁଟି କଲେକ୍ଟର ଜୁଡିସିଆଲ ମଧୁସ୍ମିତା ବିଶି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବାଲ୍ୟ ବିବାହ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବାରୁଆ ସିଡିପିଓ ଏବଂ ସୁପରଭାଇଜରମାନଙ୍କୁ ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସିଡିପିଓ, ଆଇସିଡିଏସ୍ ସୁପରଭାଇଜର, ଚାଇଲ୍ଡ ଲାଇନ କର୍ମକର୍ତ୍ତା, ପିସିପିଏନ୍‌ଡିଟି ମ୍ୟାନେଜର ଲୋପାମୁଦ୍ରା ବିଶ୍ୱାଳ, ପିଓ ପୌର୍ଣ୍ଣମାସୀ ରଥ, ଆକ୍ସନଏଡ୍ ଜିଲା ସଂଯୋଜକ ସନ୍ତୋଷ ବେହେରା ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଏଲ୍‌ପିଓ ପ୍ରଦୀପ କୁମାର ନାୟକ, କନ୍ୟା ଶିଶୁ ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆକ୍ସନଏଡ୍ ଜିଲା ସଂଯୋଜକ ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୯।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ପ୍ରତାପପୁର ଗ୍ରାମର ବିମଳା ମାହାରଙ୍କୁ ସେହି ଗ୍ରାମର ଦେପେନ ନାଗା ମାଡ଼ ମାରିଥିବା ଗୁରୁବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ବିମଳା ରାସ୍ତାରେ ଆସୁଥିବାବେଳେ କୌଣସି କାରଣ ନ ଥାଇ ଦେପେନ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନମ୍ବର ୧୩୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ୧୩ ଇଟାଭାଟି ଭଙ୍ଗାଗଲା



କଣିହାଁ,୧୯।୫(ଡି.ଏନ.ଏ.)- କଣିହାଁ ତହସିଲ ଓ ଜିଲା ଏନ୍‌ଫୋର୍ସମେଣ୍ଟ ଟିମ୍ ତରଫରୁ ବେଆଇନ ଇଟାଭାଟି ଭଙ୍ଗା ଜାରି ରହିଛି। ଗୁରୁବାର ବଜ୍ରକୋଟ ରାଜସ୍ୱ ସର୍କଲ ଅଞ୍ଚଳରୁ ୧୩ଟି ଇଟାଭାଟି ଭଙ୍ଗାଯାଇଛି। ରେଙ୍ଗାଳିରେ ୨ଟି ଭାଟି, ଗୁଣ୍ଡୁରିରେ ୩, ରଞ୍ଜନାରେ ୫ ଓ ନାଳମ ଗ୍ରାମରେ ଥିବା ୩ ଇଟାଭାଟି ଭଙ୍ଗାଯାଇଥିବା ତହସିଲଦାର ପତିତପାବନ ଦେବତା ସୂଚନା ଦେଇଛନ୍ତି। ଗତ ମଙ୍ଗଳବାର ୧୬ଟି, ବୁଧବାର ୧୦ ଓ ଗୁରୁବାର ୧୩ଟି ଇଟାଭାଟି ଭଙ୍ଗାଯାଇଥିବା ଜଣାପଡ଼ିଛି।

# ଜିଲାସ୍ତରୀୟ କୃଷିମେଳା ଉଦ୍‌ଯାପିତ

**ଆଠମଲ୍ଲିକ/ବଇଣ୍ଡା,୧୯।୫(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ କୃଷି ବିଭାଗ ତରଫରୁ ସ୍ଥାନୀୟ ଖେଳ ପଡିଆରେ ଚାଲିଥିବା ୨ ଦିନିଆ କୃଷି ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷୁଦ୍ର ଚାଷୀମାନଙ୍କୁ ଲାଭବାନ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିବାରୁ ସମସ୍ତେ ଏହାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ଦେବାଶିଷ ମିଶ୍ର ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ ଯେକୌଣସି ଚାଷ କଲେ ଲାଭ ମିଳିପାରିବ ବୋଲି ମତ ରଖିଥିଲେ। ବ୍ଲକ କୃଷି ଅଧିକାରୀ ଦିଲୀପ କୁମାର ସାହୁ, ପ୍ରାଣୀଧନ ଚିକିତ୍ସକ ଡାକ୍ତର ନୀଳାଚଳ ସେନାପତି, ଉଦ୍ୟାନ ବିଭାଗ ଅଧିକାରୀ ସ୍ୱରାଜ ଲକ୍ଷ୍ମୀ ନାୟକ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଅମିତ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ (କୃଷି) ପ୍ରମୋଦ ଦାଶ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଦୁଗ୍ଧ ଚାଷୀ କାଳିଆ ସ୍ୱାଇଁ ଓ କୃଷକ ନେତା ଦେବେନ୍ଦ୍ର ପ୍ରଧାନ ଓମଫେଡ ଦୁଗ୍ଧ ଚାଷୀଙ୍କ ବିନା କାରଣରେ ଦୁଗ୍ଧ କାଟିବା, ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇ ଦେବା ପାଇଁ ଦାବି କରିଥିଲେ। ଜିଲା ପରିଷଦ ସଦସ୍ୟ ସୁଗ୍ରୀବ ସିଂ ଶୀଘ୍ର ବିହନ ଯୋଗାଇ ଦେବାକୁ ଦାବି ରଖିଥିଲେ। କୃଷି ଇଞ୍ଜିନିୟର ବନସ୍ମିତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଳିକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

# ଯୋଜନାର ତଦାରଖ କଲେ କେନ୍ଦ୍ରୀୟ ଟିମ୍


କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ତଦାରଖ କରୁଛନ୍ତି।

**ବଇଣ୍ଡା,୧୯।୫(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକରେ କେନ୍ଦ୍ରୀୟ ଟିମ୍ ଗୁରୁବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଗୁଡିକକୁ ତଦାରଖ କରିଛନ୍ତି। ବ୍ଲକର ପାଇକସାହି ଏବଂ ସାପଘରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ହୋଇଥିବା ପ୍ରକଳ୍ପ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। କେନ୍ଦ୍ରୀୟ ଟିମ୍‌ର ସଦସ୍ୟ ବିଭୂତି ଭୂଷଣ ପଟ୍ଟନାୟକ, ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ, ଆସିଷ୍ଟାଣ୍ଟ ଇଞ୍ଜିନିୟର ରାମଚନ୍ଦ୍ର ଶତପଥୀ, କନିଷ୍ଠଯନ୍ତ୍ରୀ ପ୍ରତିଭା ପାଣିଗ୍ରାହୀ, ପାଇକସାହି ସରପଞ୍ଚ ନୀରଜ କୁମାର ସାହୁ, ସାପଘରା ସରପଞ୍ଚ କୈଳାସ ସାହୁ, ପାଇକସାହି ଜିଆର୍‌ଏସ୍ ରୋହିନ ସାହୁ, ସାପଘରା ଜିଆର୍‌ଏସ୍ ପ୍ରଦୀପ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ସାହୁ, ପ୍ରତାପଚନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ସମସ୍ତ ଶ୍ରମିକଙ୍କୁ ଯେପରି କାମ ମିଳିବ ସେ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଅନୁଗୋଳ ଅଫିସ,୧୯।୫**

ଅନୁଗୋଳ ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଜଣେ ଯୁବତୀଙ୍କୁ ବଳାତ୍କାର ସହ ବଳାତ୍କାର ସମୟର ଭିଡିଓ ଉତ୍ତୋଳନ କରାଯାଇ ତାହାକୁ ଭାଇରାଲ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଏ ନେଇ ଥାନାରେ ଅଭିଯୋଗ ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଜଣେ ୩୫ ବର୍ଷୀୟ ଯୁବକ ଏହି ଘଟଣା ଘଟାଇଥିବା ଯୁବତୀଙ୍କ ପକ୍ଷରୁ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ଏ ସମ୍ପର୍କରେ ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତି।

# ଅନୁଗୋଳ କଲେଜରେ ଏନ୍‌ସିସି ଅଡିଟ୍

**ଅନୁଗୋଳ ଅଫିସ, ୧୯।୫**

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ସିସି ପକ୍ଷରୁ ଗୁରୁବାର ଅଡିଟ୍ କରାଯାଇଛି। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ୨/୧୨ କଟକ ଗ୍ରୁପ୍ କମାଣ୍ଡର କଲୋନେଲ ରଜନୀଶ କାପୁର ଏବଂ ୧୨ ଓଡ଼ିଆ ବାଟାଲିୟନ ଢେଙ୍କାନାଳ କମାଣ୍ଡିଂ ଅଫିସର କଲୋନେଲ ସିଦ୍ଧାର୍ଥ ବାତ୍ସ୍ୟାୟନଙ୍କ ତତ୍ତ୍ୱାବଧାନରେ ଏହି ଅଡିଟ୍ କରାଯାଇଥିଲା। ଏହି ଅବସରରେ ଅଧିକାରୀମାନେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କରଙ୍କ ସହ ମହାବିଦ୍ୟାଳୟରେ ଏନ୍‌ସିସି ସିଟ୍ ବୃଦ୍ଧି, ଫାୟାରିଂ ରେଞ୍ଜ ପ୍ରତିଷ୍ଠା, ଅବ୍‌ଷ୍ଟାକଲ କୋର୍ସ ପ୍ରତିଷ୍ଠା, ବାର୍ଷିକ କ୍ୟାମ୍ପ କରାଇବା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଅତିଶୀଘ୍ର ଫାୟାରିଂ ରେଞ୍ଜ ଏବଂ ଅବ୍‌ଷ୍ଟାକଲ କୋର୍ସ ପ୍ରତିଷ୍ଠା କରିବା ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତ୍ୟେକ ବର୍ଷ କିପରି ଆର୍‌ଡିସି ଏବଂ ଟିଏସ୍‌ସିରେ କଲେଜର କ୍ୟାଡେଟ୍‌ମାନେ ସଫଳ ରୂପେ ସ୍ଥାନ ପାଇବେ ସେ ନେଇ ଏନ୍‌ସିସି ଅଧ୍ୟାପକମାନଙ୍କୁ ପରାମର୍ଶ ଦେଇଥିଲେ। ସିନିୟର ଅଣ୍ଡର ଅଫିସର ଅଭିଜିତ ମହାରଣା, ଜୁନିୟର ଅଣ୍ଡର ଅଫିସର ଅଙ୍କନା ପୂଜାରୀ ଏବଂ କ୍ୟାଡେଟ୍ସ ଜ୍ୟୋତିରାଦିତ୍ୟ ପୃଷ୍ଟିଙ୍କୁ ପୁରସ୍କୃତ କରାଯାଇଥିଲା।


ଏନ୍‌ସିସି ଅଧିକାରୀମାନଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

# ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

**ଅନୁଗୋଳ ଅଫିସ,୧୯।୫**


ବସ୍ତିବାସିନ୍ଦାମାନେ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଅନୁଗୋଳ ପୌରାଞ୍ଚଳର ୧୯ ନମ୍ବର ୱାର୍ଡ ସୁଇପର କଲୋନୀ ନିକଟରେ ଗଢ଼ି ଉଠିଥିବା ବସ୍ତିବାସିନ୍ଦାମାନେ ଗୁରୁବାର କାଉନ୍‌ସିଲର ବଳରାମ ଜେନାଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପୌରପାଳିକା ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି। ବସ୍ତିବାସିନ୍ଦାମାନେ ଦର୍ଶାଇଛନ୍ତି, ସରକାରଙ୍କ ଜାଗା ମିଶନ ଯୋଜନାରୁ ବସ୍ତିର ଅନେକ ଲୋକ ବଞ୍ଚିତ ରହିଛନ୍ତି। ବସ୍ତିରେ ପ୍ରାୟ ୮୦୦ ଲୋକ ବସବାସ କରୁଥିଲେ ମଧ୍ୟ ଯାତାୟାତ ପାଇଁ ଭଲ ରାସ୍ତା ସୁବିଧା ନାହିଁ। ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ଡ୍ରେନ୍ କରାଯାଇ ନାହିଁ। ସୁଇପର ବସ୍ତିକୁ ପୌରପାଳିକାରେ ଅନ୍ତର୍ଭୁକ୍ତ କରାଯିବା ସହ ବସ୍ତିର ନାମକରଣ କରାଯିବା, ସରକାରୀ ଯୋଜନାରେ ସେମାନଙ୍କୁ ସାମିଲ କରିବା, ଡ୍ରେନ୍, ରାସ୍ତା ନିର୍ମାଣ ନିମନ୍ତେ ବସିବାସିନ୍ଦାମାନେ ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଜାଗା ଚିହ୍ନଟ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ୨୩ ନଂ. ୱାର୍ଡର କାଉନ୍‌ସିଲର ବଳରାମ ଜେନା, ଜୟନ୍ତ ଜେନା, ମୁକେଶ ଭୂତିଆ, ପ୍ରସନ୍ନ ଦଳବେହେରା, ରାମଚନ୍ଦ୍ର ଜେନା, ସୁମିତ୍ରା ସାହୁ, କୁନି ବିଶ୍ୱାଳ, ସୁଷମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଲିବ ଜୈବିକ କୃଷି ସଚେତନତା ରଥ

**ଅନୁଗୋଳ ଅଫିସ,୧୯।୫:** ଅନୁଗୋଳ ଜିଲା ବ୍ରହ୍ମାକୁମାରୀ ଆଶ୍ରମ ପକ୍ଷରୁ ଜିଲାରେ ଜୈବିକ କୃଷିର ପ୍ରସାର ପାଇଁ ଆତ୍ମନିର୍ଭର କୃଷକ ଅଭିଯାନ ଆରମ୍ଭ ହେବ। ଅନୁଗୋଳ ଆଶ୍ରମ ପରିସରରେ ଗୁରୁବାର ଅମୃତ ମହୋତ୍ସବ ପାଳନ ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଅନୁଗୋଳ ଶାଖା ମୁଖ୍ୟ ବ୍ରହ୍ମାକୁମାରୀ ମୀନତି, ଏନ୍‌ଟିପିସି ଶାଖା ମୁଖ୍ୟ ଲକ୍ଷ୍ମୀ, ତାଳଚେର ଶାଖା ପକ୍ଷରୁ ହଳଧର ଓ ବିଜୟ ଯୋଗଦେଇ ଆସନ୍ତା ୨୩ ତାରିଖରେ ଅନୁଗୋଳ ଆଶ୍ରମରୁ ଆତ୍ମନିର୍ଭର କୃଷକ ଅଭିଯାନର ସଚେତନତା ରଥ ଶୁଭାରମ୍ଭ ହେବ ବୋଲି ପ୍ରକାଶ କରିଥିଲେ। ଏହି ରଥ ୨୩ ତାରିଖ ସନ୍ଧ୍ୟାରେ ଅନୁଗୋଳ ବ୍ଲକର ତଳଗଡରେ ପହଞ୍ଚିବ। ୨୪ ତାରିଖରେ ଏହା ହିନ୍ଦୋଳ, ୨୫ ତାରିଖରେ ଆଠମଲ୍ଲିକ, ୨୬ରେ ବଇଣ୍ଡା, ୨୭ରେ ବାଗେଡ଼ିଆ, ୨୮ ଓ ୨୯ରେ ଏନ୍‌ଟିପିସି ଏବଂ ୩୦ ତାରିଖରେ ତାଳଚେର ବ୍ଲକ୍ ଅଞ୍ଚଳ ବୁଲିବାର କାର୍ଯ୍ୟକ୍ରମ ରହିଛି। ଜୈବିକ କୃଷି ସହ ଆଧ୍ୟାତ୍ମିକ ଚିନ୍ତାଧାରାରେ ଉତ୍ପାଦିତ ଫସଲ ଶରୀର ପାଇଁ ହିତକାରୀ ହୋଇଥିବାରୁ ଓଡ଼ିଶାରେ ଏହାର ପ୍ରଚାର ଓ ପ୍ରସାର ପାଇଁ ବ୍ରହ୍ମାକୁମାରୀ ସଂସ୍ଥା ତରଫରୁ ଏହି ପ୍ରୟାସ କରାଯାଉଛି ବୋଲି ବ୍ରହ୍ମା କୁମାରୀ ମିନତୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଛା ବଛା କୃଷକମାନଙ୍କୁ ସମ୍ମାନିତ କରାଯିବ ବୋଲି ଆୟୋଜକମାନେ ପ୍ରକାଶ କରିଥିଲେ।


ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ।

# ବାସି ଖାଦ୍ୟ ଜବତ, ୭ ହଜାର ଜରିମାନା

**ଅନୁଗୋଳ ଅଫିସ, ୧୯।୫**

ଅନୁଗୋଳ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ କେତେକ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରଦାନ କରାଯାଉଥିବା ନଜରକୁ ଆସିଥିଲା। ବସ୍‌ଷ୍ଟାଣ୍ଡ ନିକଟ ଲସି ଭଣ୍ଡାରରେ ବାସି ଖାଦ୍ୟ ସାମଗ୍ରୀ ଥିବା ଜନସ୍ୱାସ୍ଥ୍ୟ ଅଧିକାରୀ ଦେଖିବାକୁ ପାଇଥିଲେ। ଏ ନେଇ ଲସି ଦୋକାନୀଙ୍କୁ ତାଗିଦ୍ କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା। ଏଭଳି କାର୍ଯ୍ୟ ଆଗକୁ କରାଗଲେ ଆଇନ୍ ଅନୁଯାୟୀ ଦଣ୍ଡ ପ୍ରଦାନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ ଓ ଅମଲାପଡ଼ା ଅଞ୍ଚଳରେ ଥିବା ଜଳଖିଆ ଦୋକାନ, ହୋଟେଲ, ତେଜରାତି ଦୋକାନ, ଚା ଦୋକାନ ଆଦିରେ ଯାଞ୍ଚ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଦୋକାନୀଙ୍କ ଖାଦ୍ୟ ନିରାପତ୍ତା ପ୍ରମାଣପତ୍ର ନ ଥିବା ଯାଞ୍ଚ ସମୟରେ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ତାଗିଦ୍ ସହ ପ୍ରମାଣପତ୍ର ନିମନ୍ତେ ଆବେଦନ କରିବାକୁ କୁହାଯାଇଥିଲା। ୬ ହଜାର ୭ଶହ ଟଙ୍କା ଜରିମାନା ମଧ୍ୟ ଆଦାୟ କରାଯାଇଥିବା ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରାଙ୍କ ନେତୃତ୍ୱରେ ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରା, ଅଜିତ ସାହୁ, ନୀଳାମ୍ବର ପ୍ରଧାନ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।


ଅଧିକାରୀମାନେ ଏକ ଦୋକାନରେ ଯାଞ୍ଚ କରୁଛନ୍ତି।

# ନତଡ଼ା ଗ୍ରାମ ପରିଦର୍ଶନ, ସମସ୍ୟାର ସମୀକ୍ଷା

**ଛେଣ୍ଡିପଦା,୧୯।୫(ସ୍ୱ.ପ୍ର.)**

ଛେଣ୍ଡିପଦା ତହସିଲ ଅନ୍ତର୍ଗତ ନତଡା ଗ୍ରାମ ଦେଇ ବଳରାମ କୋଇଲା ଖଣିକୁ ରେଳ ଲାଇନ ନିର୍ମାଣ କରାଯିବା ଫଳରେ ନତଡା ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଦେଖାଦେଇଛି। ଏହାର ସମାଧାନ ନିମନ୍ତେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଓ ଅନୁଗୋଳ ଜିଲା ପ୍ରଶାସନ ନତଡା ଗ୍ରାମକୁ ଗସ୍ତକରି ରେଳ ଲାଇନ ନିର୍ମାଣରେ ଉପୁଜୁଥିବା ସମସ୍ୟା ନେଇ ସମୀକ୍ଷା ବୈଠକ କରିଥିଲେ।

ପ୍ରକାଶ ଯେ, ବଳରାମ କୋଇଲାଖଣି ନିମନ୍ତେ ଯାଉଥିବା ରେଳ ଲାଇନ ଦ୍ୱାରା ନତଡା ଗ୍ରାମରେ ବିଭିନ୍ନ ସମସ୍ୟା ଦେଖାଦେଇଥିଲା। ଏ ନେଇ ପ୍ରଶାସନ ସହିତ ବହୁବାର ଆଲୋଚନା ପରେ ମଧ୍ୟ ସମାଧାନ ପନ୍ଥା ବାହାରୁ ନ ଥିଲା। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ଗତ ୧୪ ତାରିଖରେ ରାସ୍ତା ଅବରୋଧ କରାଯାଇଥିଲା। ୭ଦିନ ମଧ୍ୟରେ ଗ୍ରାମକୁ ଯାଇ ସମସ୍ୟା ଦେଖିବା ସହ ସମାଧାନ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ତଦନୁଯାୟୀ ଗୁରୁବାର ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଉପ ଜିଲାପାଳ ବୈତୁରା ଦୀପ, ଭୂ-ଅର୍ଜନ ଅଧିକାରୀ ରତନ ଆଚାର୍ଯ୍ୟ, ତହସିଲଦାର ଡାନିଏଲ ଏକ୍କା, ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ସରପଞ୍ଚ ପ୍ରଣତି ପ୍ରଧାନ, ସମିତିସଭ୍ୟ ସତ୍ୟନାରାୟଣ ମାଝି, ନତଡା ଗ୍ରାମ ସଭାପତି ସୁକାନ୍ତ କୁମାର ସାହୁ, ରେଲୱେ ସିଇଓ, ହିଙ୍ଗୁଳା କଲିୟାରୀ ଜିଏମ୍ ପ୍ରମୁଖ ରେଳଲାଇନ ଦ୍ୱାରା ଉପୁଜୁଥିବା ସମସ୍ୟା ଯାଞ୍ଚ କରିଥିଲେ। ଏହାପରେ ଗ୍ରାମବାସୀଙ୍କ ସହ ବୈଠକ ହୋଇଥିଲା। ଏହି ବୈଠକରେ ଗ୍ରାମ ସଭାପତି ସୁକାନ୍ତ ସାହୁ ଓଭର ବ୍ରିଜ, ଜଳସେଚନ ପାଇଁ କଲଭର୍ଟ, ନତଡା ପ୍ରଧାନ ବନ୍ଧ ଠାରୁ ଚମ୍ପାପଶି ପର୍ଯ୍ୟନ୍ତ ପାଣି ମାହର, ରାସ୍ତାର ପୁନରୁଦ୍ଧାର ଦାବି କରିବା ସହ ଅଧିଗ୍ରହଣ ଠାରୁ ଅଧିକ ଜାଗା ଦଖଲ କରାଯାଉଥିବା ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଦାବି ସମ୍ପର୍କରେ ଉପରିସ୍ଥ କର୍ମଚାରୀଙ୍କ ସହ ଆଲୋଚନା କରାଯାଇ ୭ ଦିନ ମଧ୍ୟରେ ଗ୍ରାମ୍ୟ କମିଟି ଓ ପ୍ରଶାସନ ମଧ୍ୟରେ ବୈଠକ କରାଯିବ ବୋଲି ଅନୁଗୋଳ ଉପ ଜିଲାପାଳ ବୈତୁରା ଦୀପ ପ୍ରକାଶ କରିଥିଲେ।


ବିଧାୟକଙ୍କ ସହ ପ୍ରଶାସନିକ ଅଧିକାରୀମାନେ ସମସ୍ୟା ବୁଝୁଛନ୍ତି।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ଛେଣ୍ଡିପଦା,୧୯।୫(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକରେ ଗୁରୁବାର ବିଜୁ ଜନତା ଦଳ ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ମାଛକୁଟା, ବସନ୍ତପୁର ଓ ଶିମିଳିପାଳ ପଞ୍ଚାୟତର ସମସ୍ତ କର୍ମୀ ଏଥିରେ ଯୋଗ ଦେଇଥିଲେ। ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଦଳକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିର ପରାମର୍ଶ ଅନୁଯାୟୀ ପଞ୍ଚାୟତର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ, ପରେଶ ମାଝି, ଜୟନ୍ତ ସାହୁ ମାଛକୁଟା ସରପଞ୍ଚ ମନୋଜ କୁମାର ସେଠୀ, ବୁଲୁ ଗଡନାୟକ, ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଆରତୀ ଗଡନାୟକ, ଶ୍ରୀନିବାସ ସାହୁ, ବୁଟୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ନିଶା କବଳରେ ଯାଯାବର ଶିଶୁ

ଅନୁଗୋଳ ଅଫିସ, ୧୯।୫

■ଭିକ୍ଷା ଟଙ୍କାରେ ଖାଉଛନ୍ତି ନିଶା ହେଉଥିବା ଅଠା
■ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନି



ସକାଳୁ ସନ୍ଧ୍ୟା ଯାଏ ସହରରେ ବୁଲି ଭିକ୍ଷା ମାଗୁଛନ୍ତି। ଯାହା ଯେତିକି ମିଳୁଛି, ସେହି ଟଙ୍କାରେ ଖାଦ୍ୟ ଖାଇବା ପରିବର୍ତ୍ତେ ନିଶା ସାମଗ୍ରୀ ସେବନ କରୁଛନ୍ତି ଯାଯାବର ଶିଶୁ। ବିଶେଷକରି ବିଭିନ୍ନ ସାମଗ୍ରୀ ଯୋଡ଼ିବା ପାଇଁ ଶସ୍ତାରେ ମିଳିଯାଉଥିବା ଏକ ଅଠାକୁ ସେମାନେ ଖାଇ ନିଶାରେ ଚୂର୍ ହୋଇଯାଉଛନ୍ତି। ଏହାପରେ ନିଜ ନିଜ ମଧ୍ୟରେ ଗଣ୍ଡଗୋଳ ସହ ଆପରାଧିକ କାର୍ଯ୍ୟ ଦିଗରେ ଅଗ୍ରସର ହେଉଛନ୍ତି। ଏଭଳି ଘଟଣା ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ଦୈନିକ ଦେଖିବାକୁ ମିଳୁଛି। ଆବଶ୍ୟକତା ନ ଥିଲେ ମଧ୍ୟ ଏପରି ଶିଶୁଙ୍କ ହାତକୁ କାହିଁକି ଉକ୍ତ ନିଶାଯୁକ୍ତ ଅଠା ବିକ୍ରେତାମାନେ ବଢ଼ାଇ ଦେଉଛନ୍ତି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦୀର୍ଘଦିନ ଧରି ସହରରେ ଏପରି କାରବାର ଚାଲିଥିଲେ ବି ପୋଲିସ କି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ କୁନି କୁନି ପିଲା ପଥ ହୁଡୁଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

ଅନୁଗୋଳ ସହର ଏବେ ଯାଯାବରଙ୍କ ଏକପ୍ରକାର ଥଇଥାନ କେନ୍ଦ୍ର ପାଲଟିଯାଇଛି। ସହରର ବିଭିନ୍ନ ରାସ୍ତା ପାର୍ଶ୍ୱକୁ ଏମାନେ କବ୍‌ଜା କରିବାରେ ଲାଗିପଡ଼ିଛନ୍ତି। ବଡ଼ ମଣିଷଙ୍କଠାରୁ ଆରମ୍ଭ କରି ସେମାନଙ୍କ ଶିଶୁମାନେ ୨୪ ଘଣ୍ଟା ନିଶାରେ ବୁଡ଼ି ରହୁଛନ୍ତି। କିଏ ଦେଶୀ ମଦ୍ୟପାନ କରି ରାସ୍ତା ପାର୍ଶ୍ୱରେ ଶୋଇ ରହୁଛନ୍ତି ତ ପୁଣି ଆଉ କିଏ ଅନ୍ୟ ନିଶା ସାମଗ୍ରୀ ସେବନ କରି ବିଶୃଙ୍ଖଳା ବଢ଼ାଉଛନ୍ତି। ଏମାନଙ୍କ ଛୋଟ ପିଲାମାନେ ସହରର ଗଳିକନ୍ଦି ବୁଲି ଭିକ୍ଷା ମାଗି ସେହି ଅର୍ଥରେ ନିଶାଯୁକ୍ତ ଅଠା ଖାଉଛନ୍ତି। ବସ୍‌ଷ୍ଟାଣ୍ଡ ଅଞ୍ଚଳର ଜଣେ ବ୍ୟବସାୟୀ ଏହି ଅଠା ରଖିବା ସହ ଏପରି ଯାଯାବର ପିଲାଙ୍କୁ ତାହା ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏହି ନିଶା ଆଉ କେବଳ ଯାଯାବର ଶିଶୁଙ୍କ ନିକଟରେ ସୀମିତ ହୋଇ ରହିନାହିଁ। ଏହା ସ୍କୁଲ ପଢୁଆ ପିଲା ଓ କଲେଜ ଛାତ୍ରଙ୍କ ହାତରେ ଲାଗିଲାଣି। ଫଳରେ ଏମାନେ ବିପଥଗାମୀ ହୋଇ ଆପରାଧିକ ତଥା ଅସାମାଜିକ କାର୍ଯ୍ୟକଳାପରେ ନିଜକୁ ସାମିଲ କଲେଣି। ବ୍ୟବସାୟୀମାନେ କିଛି ଅର୍ଥ ଲାଭ ଆଶାରେ ଏହି ଅଠାକୁ ପିଲାମାନଙ୍କୁ ବିକ୍ରି କରୁଥିବାରୁ ସହରର ଅନେକ ଶିଶୁ ଏହା କବଳରେ ପଡ଼ିସାରିଲେଣି। ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା କହିଛନ୍ତି, ବିଭିନ୍ନ ସମୟରେ ଯାଯାବର ବସ୍ତିକୁ ଯାଇ ସଚେତନ କରାଯାଉଛି। କିନ୍ତୁ ସେମାନେ ସଚେତନ ହେଉନାହାନ୍ତି। ଏ ନେଇ ଅନୁଗୋଳ ପୋଲିସକୁ ଅବଗତ କରାଯାଇ ବିଭିନ୍ନ ଦୋକାନରେ ଚଢ଼ାଉ କରାଯିବା ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ବେହେରା ପ୍ରକାଶ କରିଛନ୍ତି।

# ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ

ଅନୁଗୋଳ ଅଫିସ, ୧୯।୫


ଅଗ୍ନିଶମ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

ଅନୁଗୋଳ ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଫାୟାର ଅଡିଟ୍ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ପ୍ରଥମେ ସ୍ଥାନୀୟ ୮ ତାଲା ବିଶିଷ୍ଟ ପ୍ରଫୁଲ୍ଲ ମିଶ୍ର ଆପାର୍ଟମେଣ୍ଟରେ ଯାଞ୍ଚ କରାଯାଇଥିଲା। ଏହି ଅବସରରେ ଆପାର୍ଟମେଣ୍ଟରେ ଅଗ୍ନି ସୁରକ୍ଷା ପାଇଁ କି କି ପଦକ୍ଷେପ ନିଆଯାଇଛି, ସେ ନେଇ ଆଗ୍ନିକମାନେ ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। ତେବେ ସୁରକ୍ଷା ଯନ୍ତ୍ରପାତିଗୁଡ଼ିକ ଭଲ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ତେବେ ଅଳ୍ପ କିଛି ଯନ୍ତ୍ରାଂଶ ଖରାପ ଥିବାରୁ ଏହି ଆପାର୍ଟମେଣ୍ଟକୁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ଦେଇନି ଅଗ୍ନିଶମ ବିଭାଗ। ସେହିପରି ଚନ୍ଦନ ନର୍ସିଂ ହୋମ୍‌ରେ ଅଡିଟ୍ କରାଯାଇଥିଲା। ଏଠାରେ ଅଳ୍ପ ସଂଖ୍ୟାରେ ନିଆଁ ଲିଭା ସାମଗ୍ରୀ ଥିଲା। ଏଣୁ ଏହି ନର୍ସିଂହୋମ୍‌କୁ ଖୁବ୍‌ଶୀଘ୍ର ନୋଟିସ୍ ପଠାଯିବ ବୋଲି ଅଗ୍ନିଶମ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।






# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ଅନୁଗୋଳ ଅଫିସ, ୧୯।୫


ଗିରଫ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

ଅନୁଗୋଳ ସଦର ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଦେଇଛି। ପଞ୍ଚମହଲା ନିକଟ ପଡ଼ିଆରେ ବସି ଡକାୟତି ଯୋଜନା କରୁଥିବାବେଳେ ପୋଲିସ ସେଠାରୁ ୫ଜଣଙ୍କୁ ଗିରଫ କରିଛି। ଏ ନେଇ ନଂ. ୩୫୯/୨୨ରେ ମାମଲା ରୁଜୁ ସହ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା କୁମଣ୍ଡର ବିଦ୍ୟାପତି ନାଏକ (୨୫), ସୁବାସ ସାହୁ(୨୮), ନିଶା ଥାନା ଅଞ୍ଚଳର ପ୍ରମୋଦ ବେହେରା(୨୪), ଠାକୁରଗଡ଼ ଥାନା ପାଇକସାହିର ରଣଜିତ ବେହେରା (୨୪) ଓ କୋଲିୟାରୀ ଥାନା କଳମଛୁଇଁ ଗ୍ରାମର ନିର୍ମଳ ଭୋଇ(୨୨)। ଏମାନଙ୍କ ନିକଟରୁ ଏକ ପିକ୍‌ଅପ୍ ଭ୍ୟାନ, ୩ଟି ମୋଟର ସାଇକେଲ, ଭୁଜାଲି, ରଙ୍ଗ, ପାଇପ୍ ଓ ଗ୍ୟାସ କଟର ମେଶିନ ଜବତ କରାଯାଇଛି। ଏହି ଡକାୟତ ଗ୍ୟାଙ୍ଗ ରାଜପଥ ସହ ଏଟିଏମ୍ ଲୁଟ କରିବାକୁ ଯୋଜନା କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ରାତି ପାଟ୍ରୋଲିଂ କରୁଥିବା ଏସ୍‌ଆଇ ତୁଷାର ମହାନ୍ତି ସଦଳବଳ ଚଢ଼ାଉ କରିଥିଲେ। ଏସ୍‌ଆଇ ଆଶିଷ ସ୍ୱାଇଁ ତଦନ୍ତକାରୀ ଅଧିକାରୀ ଥିବା ପୋଲିସ ସୂଚନା ଦେଇଛି।









### ଗଣ୍ଡଗୋଳ କରି ବାପା, ପୁଅ ଗିରଫ

ଅନୁଗୋଳ ଅଫିସ, ୧୯।୫

ଅନୁଗୋଳ ଥାନା କୁରୁଡୁଲୁ ନୂଆପଡ଼ାରେ ଗଣ୍ଡଗୋଳ ଅଭିଯୋଗରେ ବଂଶୀଧର ଦେହୁରୀ ଓ ପୁଅ ଅମର ଦେହୁରୀ ଗିରଫ ହୋଇଛନ୍ତି। ଉକ୍ତ ଗ୍ରାମର ମନୁ ଦେହୁରୀଙ୍କ ଅଭିଯୋଗ କ୍ରମେ ନଂ. ୨୮୪/ ୨୨ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମନୁ ଦେହୁରୀଙ୍କ ଝିଅ ଗାଧୋଇବା ସମୟରେ ବଂଶୀଧରଙ୍କ ଘରକୁ ପାଣି ଛିଟିକି ପଡ଼ିଥିଲା। ଏହାକୁ କେନ୍ଦ୍ର କରି ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବାପା ଓ ପୁଅ ମିଶି ମନୁଙ୍କୁ ଆକ୍ରମଣ କରିଥିଲେ। ଏସ୍‌ଆଇ ଦିଲୀପ ସାହୁ ତଦନ୍ତ କରି ବଂଶୀଧର ଓ ଅମରଙ୍କୁ ଗିରଫ କରିଛନ୍ତି।

### ସାପ କାମୁଡ଼ାରେ ଜଣେ ମୃତ

ଅନୁଗୋଳ ଅଫିସ, ୧୯।୫

ଦେବଗଡ଼ ଥାନା ଖଇରାପାଲି ଅଞ୍ଚଳର ଶ୍ରୀମନ୍ତ ସାହୁ(୫୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶ୍ରୀମନ୍ତ ବୁଧବାର ରାତିରେ ଘରେ ଶୋଇଥିବା ବେଳେ ସାପ କାମୁଡ଼ି ଦେଇଥିଲା। ଗୁରୁବାର ସକାଳେ ଗୋଡ଼ ଝିମ୍ ଝିମ୍ ହେବା ସହ ମୁଣ୍ଡ ବୁଲାଇଥିଲା। ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ହେଲେ ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲ ପକ୍ଷରୁ ଅନୁଗୋଳ ଥାନାକୁ ଅବଗତ କରାଯିବା ପରେ ଏସ୍‌ଆଇ ଶୁଭଲକ୍ଷ୍ମୀ ସିଂହ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିଲେ।




## ସଂକ୍ଷେପରେ

### ‘ରକ୍ଷକ’ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଢେଙ୍କାନାଳ ଅଫିସ୍, ୧୯।୫**
ସଡ଼କ ଦୁର୍ଘଟଣାରେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଯୋଗାଇଦେବା, ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ପହଞ୍ଚାଇବା ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ‘ରକ୍ଷକ’ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ଅରୁଣ କୁମାର ପରିଡ଼ା, ସମ୍ମାନିତ ଅତିଥି କନିଷ୍ଠ ମୋଟରଯାନ ନିରୀକ୍ଷକ ମାନସ ରଞ୍ଜନ ପୃଷ୍ଟି, କଲେଜ ଅଧକ୍ଷ ପ୍ରଭାତ କୁମାର ସାମଲ, କାର୍ଯ୍ୟନିର୍ବାହୀ ଦିଲୀପ କୁମାର ଦାସ, ଗୋବିନ୍ଦପୁର ଫାଣ୍ଡି ଏଏସ୍ଆଇ ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ସତ୍ୟବ୍ରତ ପାତ୍ର ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ଦୁର୍ଘଟଣା ସମୟରେ କିପରି ଉଦ୍ଧାର କାର୍ଯ୍ୟ କରାଯିବ ଏବଂ ଡାକ୍ତରଖାନା ଯିବା ପର୍ଯ୍ୟନ୍ତ ପ୍ରାଥମିକ ଚିକିତ୍ସା ଦିଆଯିବ, ସେ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ବହୁ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

### ରାସ୍ତା ମଝିରେ ଜଳିଗଲା ବାଇକ୍



**ଢେଙ୍କାନାଳ ଅଫିସ୍, ୧୯।୫**
ଢେଙ୍କାନାଳ ସହରର ପ୍ରମୁଖ ରାସ୍ତା ଚନ୍ଦନବଜାର ନିକଟରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଅପରାହ୍ନ ପ୍ରାୟ ୨ଟାରେ ଏକ ବାଇକ୍‌ରେ ନିଆଁ ଲାଗି ଜଳିଯାଇଛି। ରାସ୍ତା ମଝିରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ବିସ୍ଫୋରଣ ହେବା ଆଶଙ୍କାରେ ସ୍ଥାନୀୟବାସୀ କିଛି ସମୟ ପାଇଁ ଭୟଭୀତ ହୋଇପଡ଼ିଥିଲେ। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଗାଡ଼ିରେ କିପରି ନିଆଁ ଲାଗିଲା ତାହା ଅସ୍ପଷ୍ଟ ରହିଛି। ଯାନ୍ତ୍ରିକ ତ୍ରୁଟି କିମ୍ବା ଶର୍ଟସର୍କିଟ୍‌ରୁ ଏହି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ପେଟ୍ରୋଲ ନିଆଁରୁ ବାଇକ୍ ପୋଡ଼ିଯାଇଥିବା ଚର୍ଚ୍ଚା ହେଉଛି। ତେବେ ଉକ୍ତ ବାଇକ୍‌ଟି କାହାର ତାହା ଖବର ଲେଖାଯିବା ସୁଦ୍ଧା ଜଣାପଡ଼ି ନ ଥିଲା। ଟାଉନ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# କମିଛି, ଆଖିଦୃଶିଆ ନୁହେଁ

**ଢେଙ୍କାନାଳ ଅଫିସ, ୧୯।୫**



ଜିଲା ଶିକ୍ଷାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ।

■ବାଲ୍ୟବିବାହ ରୋକିବାକୁ ପ୍ରଶାସନିକ ତତ୍ପରତା
■ଲୋଡ଼ାଗଲା ଗ୍ରାମ ମୁଖିଆଙ୍କ ସହଯୋଗ

ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ–୪ରେ ଢେଙ୍କାନାଳ ଜିଲାରେ ବାଲ୍ୟ ବିବାହ ହାରଥିଲା ୨୫.୪%। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ–୫ରେ ଏହା ୨୩.୭%କୁ ହ୍ରାସ ପାଇଛି। ପ୍ରଶାସନିକ ଉଦ୍ୟମ, ବ୍ୟାପକ କାର୍ଯ୍ୟକ୍ରମ ମାଧ୍ୟମରେ ଏଭଳି କୁପ୍ରଥା ଯଦିଓ କମିଛି; ତେବେ ତାହା ଆଖିଦୃଶିଆ ନୁହେଁ। ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବାକୁ ପ୍ରଶାସନ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିବାବେଳେ ଏବେ ଲୋଡ଼ାଯାଇଛି ଗାଁ ଏବଂ ଜାତି ମୁଖିଆଙ୍କ ସହାୟତା। ଜିଲା ଶିକ୍ଷାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଏ ସଂକ୍ରାନ୍ତରେ ଶିକ୍ଷା ବିଭାଗ ଏବଂ ବିଭିନ୍ନ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ପୃଥକ୍ ଭାବେ ଆଲୋଚନା କରିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ବାଲ୍ୟ ବିବାହର ବିଲୋପ ପାଇଁ ଏଣିକି ପ୍ରତିମାସରେ ହେଉଥିବା ‘ମୋ ପଞ୍ଚାୟତ’, ‘ମୋ ବ୍ଲକ’, ‘ମୋ ଢେଙ୍କାନାଳ’ କାର୍ଯ୍ୟକରେ ବାଲ୍ୟ ବିବାହ ଏବଂ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯିବ। କିଶୋରୀ କିଶୋରଙ୍କ ଲାଗି ରହିଥିବା ସମସ୍ତ ଯୋଜନାକୁ ଏକତ୍ରୀକରଣ କରି ଲିଫ୍‌ଲେଟ ପ୍ରସ୍ତୁତ ହେବ। ‘ଇଚ୍ ୱାନ୍ ଟିଚ୍ ୱାନ୍’ କାର୍ଯ୍ୟକ୍ରମକୁ ଆଗକୁ ନିଆଯିବ। ବାଲ୍ୟବିବାହକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ଜିଲାପାଳ ଜିଲାର ୪୦ ଶିକ୍ଷକ, ୮ ବ୍ଲକର ବିଇଓ, ୮ ଶିଶୁବିକାଶ ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କ ଅଭିଭାବକଙ୍କ ସହିତ ଆଲୋଚନା କରିବା, ସମ୍ପୃକ୍ତ ପିଲାଙ୍କୁ ପୁନର୍ବାର ବିଦ୍ୟାଳୟ ମୁହାଁ କରାଇବା, ପାଠପଢ଼ା ବୟସ ଅତିକ୍ରାନ୍ତ ହୋଇଥିବା ପିଲାଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ୮ ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ଏବଂ ଜାତି ମୁଖିଆଙ୍କ ସହିତ ଏ ବିଷୟରେ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳର ଶିଶୁଙ୍କୁ ବିଦ୍ୟାଳୟ ମୁହାଁ କରାଇବା ଲାଗି ନେତୃତ୍ୱ ନେବା, ନାବାଳିକା–ନାବାଳକ ବିବାହ ରୋକିବା, ଶିକ୍ଷାର ବିକାଶ ମାଧ୍ୟମରେ କିଶୋରୀକିଶୋରଙ୍କ ଦକ୍ଷତା ବୃଦ୍ଧି କରିବା, ଶିଶୁମାନଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ୟୁନିସେଫ୍ ଓ ଆକ୍ସନଏଡ୍‌ର ଜିଲା ସଂଯୋଜିକା ଅଙ୍ଗୁର ମିଶ୍ର କହିଲେ ଶିକ୍ଷାରୁ ବିମୁଖ ହେବା ବାଲ୍ୟ ବିବାହର ପ୍ରମୁଖ କାରଣ। ‘ଅଦ୍ରିକା’, ‘କଳ୍ପନା’ ଅଭିଯାନର ପ୍ରସାର କରାଇବା, ମାଗଣା ବାଧ୍ୟତାମୂଳକ ଶିକ୍ଷା, ନିଯୁକ୍ତି ମେଳାକୁ ବ୍ୟାପକ କରିବା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ଆବାସିକ ବିଦ୍ୟାଳୟରେ ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥା, ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଆଲୋକପାତ କରିଥିଲେ। ଶିଶୁ ମଙ୍ଗଳ ସମିତି ସଦସ୍ୟ ନିରଞ୍ଜନ ମିଶ୍ର ‘ଆଶୀର୍ବାଦ ଯୋଜନା’ ସମ୍ପର୍କରେ କହିଥିଲେ। ଜିଲା ପ୍ରଶାସନ, ୟୁନିସେଫ୍ ଏବଂ ଆକ୍ସନ୍‌ଏଡ୍‌ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

# ୨୧ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ


ଗିରଫ ଅଭିଯୁକ୍ତ ଓ ଜବତ ବ୍ରାଉନସୁଗାର।

**ଢେଙ୍କାନାଳ ଅଫିସ, ୧୯।୫**

## ୩ ଗିରଫ, ଟଙ୍କା, ବାଇକ୍ ଜବତ

ଢେଙ୍କାନାଳ ବାଜିଚୌକ ଓଭରବ୍ରିଜ୍ ନିକଟବର୍ତ୍ତୀ ଅଞ୍ଚଳରୁ ଗୁରୁବାର ସକାଳେ ଟାଉନ ଥାନା ପୋଲିସ ଚଢ଼ାଉ କରି ୨୧ ଗ୍ରାମ୍ ୮୭୦ ମିଲିଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଘଟଣାରେ ୩ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ହାଉସିଂବୋର୍ଡ ଅଞ୍ଚଳର ଦିଲେଶ୍ୱର ବେହେରା ଓରଫ୍ ଦିଲୁ (୨୫), ବୋରାପଦା ଅଞ୍ଚଳର ବାବୁଲା ନାୟକ (୨୬), କଲେଜ ବାଇପାସ୍ ଶ୍ୟାମାଚରଣପୁର ଅଞ୍ଚଳର ପିଣ୍ଟୁ କୁମାର ଦାସ ଓରଫ ଶାନ୍ତୁ (୨୯)। ସେମାନଙ୍କ ନିକଟରୁ ଏକ ବାଇକ୍ (ନଂ. ଓଡ଼ି ୦୬ ଜି ୫୩୯୯), ନଗଦ ୧୮,୦୦୦ ଟଙ୍କା, ଆଲୁମିନିୟମ ଫଏଲ ରୋଲ, ୨୦ଟି ଫ୍ଲାୱାର ପ୍ରିଣ୍ଟ କାଗଜ, ୨ ଦିଆସିଲି ଖୋଳ ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି।

ଓଭରବ୍ରିଜ୍ ନିକଟରେ ବ୍ରାଉନ୍ ସୁଗାର କାରବାର ହେଉଥିବା କୌଣସି ସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ସୁଧାକର ମହାନ୍ତି, ନିବେଦିତା ପ୍ରିୟଦର୍ଶିନୀ, ହାବିଲଦାର ଧ୍ରୁବଚରଣ ବେହେରା, ଗଗନ ପରିଡ଼ା, ଡ୍ରାଇଭର ଗଗନ ବିହାରୀ ପ୍ରଧାନ ପ୍ରମୁଖ ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୨୯୮/୨୨, ଦଫା ୨୧(ବି) ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇଛି।

ଢେଙ୍କାନାଳ ଜିଲାର ଯୁବପିଢ଼ି ଦାମୀ ନିଶାରେ କବଳିତ ହେଉଛନ୍ତି। ସେମାନଙ୍କ ନିକଟରେ ଧଳାଜହର ପହଞ୍ଚାଇବା ଲାଗି ବିଧିବଦ୍ଧ ଭାବେ ଏକ ର୍ୟାକେଟ୍ କାମ କରୁଛି। ଏହାର ଚେର ବାହାର ଜିଲାକୁ ଲମ୍ବିଛି। ଢେଙ୍କାନାଳ ସହର ସମେତ ଜିଲାର ବିଭିନ୍ନ ସ୍ଥାନରୁ ପୂର୍ବରୁ ଏଭଳି ନିଶା ସାମଗ୍ରୀ ଜବତ କରାଯାଇଛି। ପୋଲିସ ପକ୍ଷରୁ ଧରପଗଡ଼ ଅଭିଯାନ ଜୋର୍‌ଦାର କରାଗଲେ ଏଭଳି ନିଷିଦ୍ଧ ନିଶା କାରବାର ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ୯.୯୮ ଲକ୍ଷ ବ୍ୟୟବରାଦ

**ଭୁବନ, ୧୯।୫(ଡି.ଏନ୍.ଏ.)**



ବୈଠକରେ ମନ୍ତ୍ରୀ, ବ୍ଲକ ଅଧକ୍ଷା, ଏନ୍‌ଏସି ଅଧକ୍ଷଙ୍କ ସମେତ ଅନ୍ୟମାନେ।

■ଭୁବନରେ ପ୍ରଥମ ରୋଗୀକଲ୍ୟାଣ ସମିତି ବୈଠକ
■ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନବୀକରଣ ଉପରେ ଗୁରୁତ୍ୱ

ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚଳିତବର୍ଷର ପ୍ରଥମ ରୋଗୀକଲ୍ୟାଣ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାର ପ୍ରମୁଖ କେନ୍ଦ୍ରସ୍ଥଳ ଏହି ଚିକିତ୍ସାଳୟ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇରହିଛି। ଏହାର ନବୀକରଣ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଲାଗି ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏଥିଲାଗି ପ୍ରାଥମିକ ପର୍ଯ୍ୟାୟରେ ୯ ଲକ୍ଷ ୯୮ ହଜାର ୫୦୦ ଟଙ୍କା ବ୍ୟୟବରାଦ ହୋଇଛି।

ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ସିପ୍ରା ବରାଳ, ଏନ୍‌ଏସି ଅଧକ୍ଷ ଶୁଭେନ୍ଦୁ କୁମାର ସାହୁ, ବିଡିଓ ଆଶୀର୍ବାଦ ପରିଡ଼ା, ଡାକ୍ତର ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଆକାଉଣ୍ଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟ ପୂର୍ବବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନା କରିବା ସହ ଡାକ୍ତରଖାନାରେ ପ୍ରମୁଖ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବାକୁ ୨ଟି ୱାର୍ଡରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ଉଭୟ ବହିର୍ବିଭାଗ ଏବଂ ଅନ୍ତଃବିଭାଗକୁ ନୂଆ ରୂପ ଦେବା, ସୁରକ୍ଷା ପାଚେରି ନିର୍ମାଣ, ମୃତଦେହ ସଂରକ୍ଷଣ ଗୃହ ନିର୍ମାଣ, ବର୍ଜ୍ୟ ପରିଚାଳନା ଲାଗି ବ୍ୟବସ୍ଥା, ରୋଗୀ ଓ କର୍ମଚାରୀଙ୍କ ପାଇଁ ବାଇକ୍ ଷ୍ଟାଣ୍ଡ, ଡାକ୍ତରଙ୍କ ଡ୍ୟୁଟି, ଅଫିସ ପ୍ରକୋଷ୍ଠର ନବୀକରଣ, ନୂତନ ଫାଟକ ସାଙ୍ଗକୁ କାଓ କ୍ୟାଚର ନିର୍ମାଣ, ଡାକ୍ତରଖାନାକୁ ରଙ୍ଗ ଦେଇ ନୂଆ ରୂପ ଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ସବୁ କାର୍ଯ୍ୟ ପାଇଁ ୯ ଲକ୍ଷ ୯୮ ହଜାର ୫୦୦ ଟଙ୍କାର ବ୍ୟୟବରାଦ କରାଯାଇଛି। ଆବଶ୍ୟକ ପଡୁଥିବା ଅବଶିଷ୍ଟ ଅର୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଗତବର୍ଷ ରୋଗୀକଲ୍ୟାଣ ସମିତି ପାଣ୍ଠିରୁ ୩ ଲକ୍ଷ ୪୭ ହଜାର ୧୯୯ ଟଙ୍କାର କାର୍ଯ୍ୟ ହୋଇଥିଲା। ୪ ଲକ୍ଷ ୪୬ ହଜାର ୫୦ ଟଙ୍କା ବଳକା ରହିଛି। ଚଳିତ ବର୍ଷ ୫ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ଘରପୋଡ଼ି ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

**ବଇଣ୍ଠା/ ଆଠମଲ୍ଲିକ, ୧୯।୫(ଡି.ଏନ୍.ଏ.)**

ଆଠମଲ୍ଲିକ ସହକାରୀ ଦୌରାଜଜ୍ ବିନୋଦ ବିହାରୀ ସାହୁ ଏକ ଘରପୋଡ଼ି ମାମଲାର ବିଚାର କରି ଅଭିଯୁକ୍ତ ଘନ କିଷାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ସହିତ ୩ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିବା ଆଇନଜୀବୀ ବିଜୟ ମହାକୁଡ଼ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, କିଶୋରନଗର ବ୍ଲକ ହଣ୍ଡପା ଥାନା ଖାଲପାଳ ଗ୍ରାମର କଳ୍ପନା କିଷାନଙ୍କ ଘରକୁ ତାଙ୍କ ଦେଢ଼ଶୂର ଘନ କିଷାନ ୨୦୨୧ ଅକ୍ଟୋବର ୧୫ରେ ପୋଡି ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ହଣ୍ଡପା ପୋଲିସ ନଂ. ୩୬/୨୦୨୧ରେ ଏକ ମାମଲା ରୁଜୁ କରି ଘନ କିଷାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସରକାରୀ ଓକିଲ ବିଜୟ କୁମାର ମହାକୁଡ଼ ମକଦ୍ଦମା ପରିଚାଳନା କରିଥିଲେ।

## ଶନିଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଢେଙ୍କାନାଳ ଅଫିସ,୧୯।୫**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ଅଧୀନ ମଙ୍ଗଳପୁର ଗ୍ରାମ ଶନିଶ୍ଚର ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ବୁଧବାର ଅଙ୍କୁରାରୋପଣ ହୋଇଥିବା ବେଳେ ଗୁରୁବାର ବ୍ରାହ୍ମଣୀ ନଦୀର କୁସୁପଙ୍ଗାସ୍ଥିତ ମା’ ନେତେଇଶୁଣୀଙ୍କ ଘାଟରୁ ୧୦୮ ମହିଳା ଶ୍ରଦ୍ଧାଳୁ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ମଣ୍ଡପରେ ସ୍ଥାପନ କରିଥିଲେ। ଘଣ୍ଟଘଣ୍ଟା, ନାମସଂକୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଘଟସ୍ଥାପନ ପରେ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା, ଧ୍ୱଜାରୋହଣ, ଯଜ୍ଞ ପାଇଁ ଅଗ୍ନି ସ୍ଥାପନ ହୋଇଛି। ଶୁକ୍ରବାର ବିଗ୍ରହ ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା, ନଗର ଭ୍ରମଣ ସହ ଯଜ୍ଞ ପୂର୍ଣ୍ଣାହୁତି ହେବ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରାଯାଇଛି। ବିରଞ୍ଚି ନାରାୟଣ ରଥ ଏବଂ ସହକର୍ମୀଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।


କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ଶ୍ରଦ୍ଧାଳୁମାନେ।

## ଯୁବକଙ୍କ ମୃତଦେହ ଜବତ

**ବଇଣ୍ଠା,୧୯।୫(ଡି.ଏନ୍.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବିଡିସିଂଗ ଗ୍ରାମର ଏକ ନିଛାଟିଆ ଅଞ୍ଚଳରୁ ଗୁରୁବାର ବାଘୁଆନାଳି ଗ୍ରାମର ପୁନିଆ ନାୟକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ଏହି ଗ୍ରାମକୁ ତାଳ ସଂଗ୍ରହ କରିବାକୁ ଆସିଥିବାବେଳେ ମୃତଦେହ ପଡିଥିବା କେତେଜଣ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ‘ସଂସ୍କୃତି, ଐତିହ୍ୟ ଢେଙ୍କାନାଳର ପରିଚୟ’

**ଢେଙ୍କାନାଳ ଅଫିସ, ୧୯।୫**

### ବୈଶାଖୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ‘ଗୁଡ୍‌ନାଇଟ କ୍ଲବ’ ପକ୍ଷରୁ ଆୟୋଜିତ ବୈଶାଖୀ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ସାଂସ୍କୃତିକ ସମାରୋହକୁ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଉଦ୍‌ଘାଟନ କରି କହିଲେ, ଢେଙ୍କାନାଳର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଗୌରବମୟ। ମୁଖ୍ୟ ଅତିଥି ବିଧାୟକ ସୁଧୀର କୁମାର ସାମଲ କହିଲେ, ଭାଷା, କଳା, ସଂସ୍କୃତି ଢେଙ୍କାନାଳର ପରିଚୟ। ଢେଙ୍କାନାଳର ବାସିନ୍ଦା ବୋଲି ଆମେ ଗର୍ବ କରିବା ଉଚିତ। ସମସ୍ତଙ୍କ ସହଯୋଗରେ ଜିଲାର ବିକାଶର ଧାରା ଜାରି ରହିବ ବୋଲି ବିଧାୟକ କହିଥିଲେ।

ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ସକାରାତ୍ମକ ମନୋଭାବ ଏବଂ ସହଯୋଗ ମିଳିଲେ ଜିଲାର ବିକାଶ ଆଗକୁ ବଢ଼ିବ। ସମ୍ମାନିତ ଅତିଥି ଭାବେ ଜାଭିୟର୍ସ ଏଜୁକେସନ୍ ଫାଉଣ୍ଡେଶନ ମୁଖ୍ୟ କୁଳଦୀପ ରଥ, ଚଳଚ୍ଚିତ୍ର ପ୍ରଯୋଜକ ଦୀପକ ମିଶ୍ର, ଓଲିଉଡ୍ ଅଭିନେତା ଅମ୍ଲାନ ଦାସ, ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ତଥା ବିଶିଷ୍ଟ ଶିଳ୍ପପତି ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।

ଚଳିତବର୍ଷ ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ‘ବୈଶାଖୀ ଶିକ୍ଷା ସମ୍ମାନ, ଚଳଚ୍ଚିତ୍ର ପ୍ରଯୋଜକ ଦୀପକ କୁମାର ମିଶ୍ର, ବରିଷ୍ଠ ଚିକିତ୍ସକ ଡା. ସଦାନନ୍ଦ ରାଉତ, ଅଭିନେତା ଅମ୍ଲାନ ଦାସଙ୍କୁ ‘ବୈଶାଖୀ ସେବା ସମ୍ମାନ’, ସସ୍ମିତା ଦାସଙ୍କୁ ‘ସଂଗ୍ରାମୀ ରାଜମୋହନ ଦାସ ସେବା ସମ୍ମାନ’, ଶିକ୍ଷାବିତ୍ ଡ. ସମୀର କୁମାର ସାହୁଙ୍କୁ ‘ବ୍ରଜନାଥ ବଡ଼ଜେନା ସେବା ସମ୍ମାନ’ ଏବଂ ପଙ୍କଜ ଲୋଚନ ମହାନ୍ତିଙ୍କୁ ‘ଅଧିକାରୀ ସାମଲ ସ୍ମାରକୀ ସମାଜସେବା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସ୍ମରଣିକା ‘ବୈଶାଖୀ’ ଉନ୍ମୋଚିତ ହୋଇଥିଲା।

ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ମିଶ୍ର, ସମ୍ପାଦକ ବିଶ୍ୱନାଥ ବେହେରା, ଆବାହକ ସତ୍ୟସ୍ୱରୂପ ଦାସ, କବି ଅଥୟ କୁମାର ସାହୁ, ସାଂସ୍କୃତିକ ସଂଯୋଜକ ଅରବିନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆମନ୍ତ୍ରିତ ଅତିଥିମାନେ ସ୍ମରଣିକା ‘ବୈଶାଖୀ’କୁ ଉନ୍ମୋଚନ କରୁଛନ୍ତି।

# ‘ବହୁମୁଖୀ ଆଶ୍ରୟସ୍ଥଳ ପ୍ରସ୍ତୁତ ରଖ’

**ଢେଙ୍କାନାଳ ଅଫିସ, ୧୯।୫**



ବୈଠକରେ ମନ୍ତ୍ରୀ, ଜିଲା ପରିଷଦ ସଭାନେତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟମାନେ।

■ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ
■ବନ୍ୟା ପ୍ଳାବିତ ଅଞ୍ଚଳରେ ଡଙ୍ଗା ବ୍ୟବସ୍ଥା କରିବାକୁ ପରାମର୍ଶ
■ଦୁର୍ବଳ ନଦୀବନ୍ଧ ମରାମତି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଗୁରୁବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ବହୁମୁଖୀ ଆଶ୍ରୟସ୍ଥଳଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ବର୍ଷାଦିନ ଆସୁଛି। ବନ୍ୟା ଓ ବାତ୍ୟାର ମୁକାବିଲା କରିବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନଜୀବନ ସୁରକ୍ଷା ଉପରେ ଗୁରୁତ୍ୱ ଦେବା, ଗୃହପାଳିତ ପ୍ରାଣୀଙ୍କ ପ୍ରତି ଯତ୍ନବାନ ହେବା, ଫସଲ ରକ୍ଷଣାବେକ୍ଷଣ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ଲାଗି ପଦକ୍ଷେପ ନେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ଯୋଗଦେଇ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ କହିଲେ, ବର୍ଷା ପୂର୍ବରୁ ବିପଦସଙ୍କୁଳ ଦୁର୍ବଳ ନଦୀବନ୍ଧଗୁଡ଼ିକର ଚିହ୍ନଟ କରି ସେଗୁଡ଼ିକର ସୁଦୃଢ଼ୀକରଣ କରିବା ଜରୁରୀ। ବିପତ୍ତି ସମୟରେ ବିଭାଗୀୟ ଅଧିକାରୀମାନେ ସହଯୋଗ ମନୋଭାବ ନେଇ କାର୍ଯ୍ୟ କରିବାକୁ ସେ ଆଶାବ୍ୟକ୍ତ କରିଛନ୍ତି। ବୈଠକରେ ଅଧକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ସରକାରଙ୍କ ପୂର୍ବପ୍ରସ୍ତୁତି ଯୋଗୁ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଅନେକାଂଶରେ କରାଯାଇପାରୁଛି। ତଥାପି ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି କରାଯାଉଛି। ଜିଲା ସମସ୍ତ ବ୍ଲକରେ ଥିବା ୮ ବହୁମୁଖୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବାକୁ ଜିଲାପାଳ ସମ୍ପୃକ୍ତ ବିଡିଓ ଏବଂ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରାଯାଇପାରିବ। ସ୍ଥାନୀୟ ବାସିନ୍ଦାଙ୍କୁ ସ୍ଥାନାନ୍ତର, ଉଦ୍ଧାର ଓ ସହାୟତା ପାଇଁ ସ୍ୱେଚ୍ଛାସେବୀଙ୍କ ସହଯୋଗ ନେବାକୁ ସେ କହିଛନ୍ତି। ଜିଲା, ଉପଖଣ୍ଡ, ବ୍ଲକସ୍ତରରେ ବନ୍ୟା କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକାରିତା, ଦୁର୍ବଳ ନଦୀବନ୍ଧର ମରାମତି, ବନ୍ୟା ପ୍ଳାବିତ ଅଞ୍ଚଳରେ ଡଙ୍ଗା ବ୍ୟବସ୍ଥା, ସହରାଞ୍ଚଳରେ ନାଳ, ନର୍ଦ୍ଦମା ସଫା, ଶୁଖିଲା ଖାଦ୍ୟ, କିରୋସିନ, ଔଷଧ, ପାନୀୟଜଳ, ପଲିଥିନ ମହଜୁଦ୍ ରଖିବା ସମ୍ପର୍କରେ ଆଲୋଚନା ହୋଇଥିଲା।

ବିପର୍ଯ୍ୟୟ ପରବର୍ତ୍ତୀ ଅତ୍ୟାବଶ୍ୟକ ସେବା, ଟ୍ରାଫିକ୍ ପରିଚାଳନା, ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସମସ୍ତେ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. କହିଛନ୍ତି। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି, ସମସ୍ତ ଉପଖଣ୍ଡର ଉପଜିଲାପାଳ, ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀ, ଓଡ୍ରାଫ୍‌ର ସଦସ୍ୟ ଉପସ୍ଥିତ ଥିଲେ।

